# NATIONAL NEWS BULLETIN (ODIA)
## 8 August - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଅଧିକ ସମୀକ୍ଷା ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଗଲା ୱାକଫ୍ ସଂଶୋଧନ ବିଲ୍-୨୦୨୪ ।
- କେରଳ ଭୂସ୍ଖଳନ ଅଞ୍ଚଳକୁ ଆସନ୍ତା ଶନିବାର ଗସ୍ତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସୀମା ବିବାଦର ଅବସାନ ଲକ୍ଷ୍ୟରେ ଆସନ୍ତାକାଲି ମିଜୋରାମ ଏବଂ ଆସାମ ମଧ୍ୟରେ ଅନୁଷ୍ଠିତ ହେବ ମନ୍ତ୍ରିସ୍ତରୀୟ ବୈଠକ ।
- ବିଦେଶ ଜେଲ୍‌ରେ ଥିବା ଭାରତୀୟ ଏବଂ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଓ ନିରାପତ୍ତାକୁ ସରକାର ଦେଉଛନ୍ତି ପ୍ରାଥମିକତା; କହିଲେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ଏବଂ

- ଅଲିମ୍ପିକ୍ସ ହକି ବ୍ରୋଞ୍ଜ ପଦକ ପାଇଁ ଭାରତ ଏବଂ ସ୍ପେନ୍ ମଧ୍ୟରେ ଚାଲିଛି ମୁକାବିଲା ।

## ଏଲ୍‌ଏସ୍-ଓ୍ୱାକଫ ବିଲ୍

ଓ୍ୱାକ୍‌ଫ ସଂଶୋଧନ ବିଲ୍ ୨୦୨୪କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି । ଲୋକସଭାରେ ଏହି ବିଲ୍ ଉପସ୍ଥାପନ କରି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସରକାର ପ୍ରସ୍ତାବିତ ବିଲ୍‌ର ଅଧିକ ଅନୁଧ୍ୟାନ ପାଇଁ ପ୍ରସ୍ତୁତ ଅଛନ୍ତି । ଏହି ବିଲ୍‌କୁ ନେଇ କେନ୍ଦ୍ର ସରକାରଙ୍କ ପାଖରେ ଲୁଚାଇବାକୁ କିଛି ନାହିଁ ବୋଲି ସେ କହିଛନ୍ତି ।

ଏହା ପୂର୍ବରୁ ଶ୍ରୀ ରିଜିଜୁ କହିଥିଲେ, ଏହି ବିଲ୍ ଧାର୍ମିକ ସଂସ୍ଥାର କାର୍ଯ୍ୟରେ ହସ୍ତକ୍ଷେପ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ମୁସଲମାନ ସମ୍ପ୍ରଦାୟର ବଞ୍ଚିତ ଓ ଗରିବ ବର୍ଗଙ୍କୁ ନ୍ୟାୟ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି, ସଚ୍ଚାର କମିଟି ଏବଂ ପୂର୍ବ ସରକାରଙ୍କ ବିଭିନ୍ନ କମିଟିର ସୁପାରିସ ଅନୁଯାୟୀ ଏହି ବିଲ୍ ପ୍ରସ୍ତୁତ କରାଯାଇଛି । ସେ କହିଛନ୍ତି, ଓ୍ୱାକଫ୍ ବୋର୍ଡଗୁଡ଼ିକୁ ମନମୁଖୀ କାର୍ଯ୍ୟରୁ ଦୂରେଇ ରଖିବା ପାଇଁ ଏହି ନୂତନ ବିଲ୍‌ରେ ବ୍ୟବସ୍ଥା ରହିଛି । ଓ୍ୱାକଫ୍ ବୋର୍ଡ ଗୁଡ଼ିକର କାର୍ଯ୍ୟଶୈଳୀରେ ସ୍ୱଚ୍ଛତା ଆଣିବା ଏବଂ  ମୁସଲମାନ ମହିଳା ଓ ସେହି ସମ୍ପ୍ରଦାୟର ପଛୁଆବର୍ଗଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ପାଇଁ ଅଣାଯାଇଛି । ଶ୍ରୀ ରିଜିଜୁ କହିଛନ୍ତି, ଓ୍ୱାକଫ୍ ବୋର୍ଡ ସହ ଜଡ଼ିତ ପ୍ରାୟ ୧୨ ହଜାର ମାମଲା ବିଚାରାଧୀନ ରହିଛି ଏବଂ ବିଲ୍‌ରେ ୬ ମାସ ମଧ୍ୟରେ

ଏଭଳି ମାମଲାର ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ଓ୍ୱାକଫ୍ ବୋର୍ଡ ସମ୍ପତ୍ତିରେ ଜବରଦଖଲ ସମ୍ବନ୍ଧୀୟ ସମସ୍ୟା ସମ୍ପର୍କରେ ବର୍ଷକ ମଧ୍ୟରେ ପାଖାପାଖି ୨୦୦ ଅଭିଯୋଗ ଆସିଥିଲା ବୋଲି ସେ କହିଛନ୍ତି। ସମସ୍ତଙ୍କ ସହ ଉପଯୁକ୍ତ ପରାମର୍ଶ ନକରି ଏହି ବିଲ୍ ଅଣାଯାଇଛି ବୋଲି ବିରୋଧୀଙ୍କ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଓ୍ୱାକଫ୍ ବୋର୍ଡ ଟ୍ରିବ୍ୟୁନାଲରେ ଜଣେ ନ୍ୟାୟିକ ଏବଂ ଜଣେ ବୈଷୟିକ ସଦସ୍ୟ ରହିବେ ବୋଲି ସେ କହିଛନ୍ତି।

ଜେଡିୟୁର ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ ଏହି ବିଲ୍‌କୁ ସମର୍ଥନ କରି କହିଛନ୍ତି, ଏହାଦ୍ୱାରା ଓ୍ୱାକଫ୍ ବୋର୍ଡ କାର୍ଯ୍ୟଶୈଳୀରେ ସ୍ୱଚ୍ଛତା ଆସିପାରିବ।  ଏହି ବିଲ୍ ନେଇ ଲୋକଙ୍କୁ ବିରୋଧୀ ଦଳ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି। ତେଲୁଗୁ ଦେଶମ ପାର୍ଟିର ଜିଏମ୍ ହରିଶ ବାଲଯୋଗୀ କହିଛନ୍ତି, ଯଦି ଓ୍ୱାକଫ୍ ବୋର୍ଡ ସହ ଜଡିତ କ୍ଷମତାର ଦୁରୁପଯୋଗ କରାଯାଏ, ତେବେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସଂଶୋଧନ ଅଣାଯିବା ଜରୁରୀ ।

ଓ୍ୱାକଫ୍ ସଂଶୋଧନ ବିଲ୍ -୨୦୨୪ର ଉଦ୍ଦେଶ୍ୟ ହେଉଛି ପ୍ରଚଳିତ ଆଇନରେ ଥିବା ତ୍ରୁଟିକୁ ଦୂର କରିବା ଏବଂ ଓ୍ୱାକଫ୍ ସମ୍ପତ୍ତିର ସୁପରିଚାଳନା ଦକ୍ଷତା ବୃଦ୍ଧି କରିବା। ଏହି ବିଲ୍ ମୁସଲିମ୍ ଓ୍ୱାକଫ୍ ଆଇନ ୧୯୨୩ ବଦଳରେ କାର୍ଯ୍ୟକାରୀ ହେବ।

# ପିଏମ୍-କେରଳ ଓ୍ୱାୟନାଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେରଳର ଓ୍ୱାୟନାଡ଼ ଭୂସ୍ଖଳନ ଅଞ୍ଚଳକୁ ଆସନ୍ତା ଶନିବାର ଦିନ ଗସ୍ତ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କନ୍ନୁର ଏବଂ ଓ୍ୱାୟନାଡ଼ରେ ବ୍ୟାପକ ପ୍ରସ୍ତୁତି କରାଯିବା ସହ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ବୈଠକମାନ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ଆସନ୍ତା ୧୦ ତାରିଖ ଶନିବାର ପୂର୍ବାହ୍ନ ୧୧ଟାରେ ନୂଆଦିଲ୍ଲୀରୁ ଯାଇ କନ୍ନୁର ବିମାନବନ୍ଦରରେ ପହଁଞ୍ଚିବେ। ସେଠାରୁ ସେ ହେଲିକପ୍ଟର ଯୋଗେ ଓ୍ୱାୟନାଡ଼ର କଲପଟ୍ଟା ଯିବେ। କଲପଟ୍ଟା ଭୂସ୍ଖଳନ ପ୍ରଭାବିତ ଅଞ୍ଚଳକୁ ଆକାଶମାର୍ଗରୁ ଅନୁଧ୍ୟାନ କରିବା ପରେ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

ଇତିମଧ୍ୟରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଥିବା କେରଳ ଓ କର୍ଣ୍ଣାଟକ ୟୁନିଟ୍‌ର ପ୍ରାୟ ୫୦୦ ଯବାନଙ୍କୁ ଓ୍ୱାୟନାଡରୁ ଫେରାଇ ଅଣାଯାଇଛି। ନବନିର୍ମିତ ବେଲି ବ୍ରିଜକୁ ମଜବୁତ କରିବା ଲକ୍ଷ୍ୟରେ ଆଉ କିଛି ଦିନ ଲାଗି ଏକ ଦଳ ସହ ହେଲିକପ୍‌ଟର ସର୍ଚ୍ଚ ଟିମ୍ ଓ୍ୱାୟନାଡରେ ରହି ସ୍ଥିତିର ଅନୁଧ୍ୟାନ କରିବେ।

କେରଳ ମନ୍ତ୍ରିମଣ୍ଡଳର ସଦସ୍ୟ ପି.ଏ.ମହମ୍ମଦ ରିଆଜ, ଏ.କେ ସଶିନ୍ଦ୍ରନ ଏବଂ ଓ୍ୱାୟନାଡ଼ ଜିଲ୍ଲାପାଳ ପ୍ରମୁଖ ଭୂସ୍ଖଳନରେ ମୁତୟନ ଥିବା ସେନାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ବିଦାୟ ଦେଇଛନ୍ତି। ରାଜ୍ୟ ସରକାର ଗତ ୯ ଦିନ ଧରି ଚାଲିଥିବା ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ସ୍ଥାନୀୟ ଲୋକ ଏବଂ ଯବାନଙ୍କୁ  କୃତଜ୍ଞତା ଜଣାଇଛନ୍ତି।

# ପ୍ରେଜ୍- ଆଟେଣ୍ଡ ଷ୍ଟେଟ୍ ବ୍ୟାନକ୍ୱେଟ୍

ନ୍ୟୁଜିଲ୍ୟାଣ୍ଡର ଓ୍ୱେଲିଂଟନ ସ୍ଥିତ ସରକାରୀ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମାନାର୍ଥେ ଗଭର୍ଣ୍ଣର ଜେନେରାଲ ଡେମ ସିଣ୍ଡି କିରୋ ଏକ ନୈଶ୍ୟଭୋଜିର ଆୟୋଜନ କରିଥିଲେ। ଏହି ଅବସରରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରିଷ୍ଟୋଫେର ଲୁକ୍‌ସନ୍,  ମନ୍ତ୍ରି ପରିଷଦର ବରିଷ୍ଠ ସଦସ୍ୟ, ଭାରତ ସରକାରଙ୍କ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ୍, ଲୋକସଭା ସଦସ୍ୟ ଯୁଗଳ କିଶୋର ଶର୍ମା ଓ ସୌମିତ୍ର ଖାନ୍, ଭାରତୀୟ ପ୍ରତିନିଧି ମଣ୍ଡଳୀର ଅନ୍ୟ ସଦସ୍ୟ ଏବଂ ନ୍ୟୁଜିଲାଣ୍ଡରେ ଥିବା ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆସାମ-ମିଜୋରାମ

ମିଜୋରାମ ଏବଂ ଆସାମ ମଧ୍ୟରେ ଲାଗି ରହିଥିବା ସୀମା ବିବାଦର ଅବସାନ ସମ୍ପର୍କରେ ଆସନ୍ତାକାଲି ଦୁଇ ରାଜ୍ୟର ମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ମିଜୋରାମ ଗୃହ ବିଭାଗ  ଏ ସମ୍ପର୍କିତ ସୂଚନା ଦେଇ

କହିଛି, ଆସନ୍ତାକାଲି ଅପରାହ୍ନରେ ଆଇଜଲ୍‌ସ୍ଥିତ ରାଜ୍ୟ ଅତିଥି ଭବନରେ ଏହି ଆଲୋଚନା ବୈଠକ ଅନୁଷ୍ଠିତ ହେବ। ମିଜୋରାମର ଗୃହ ମନ୍ତ୍ରୀ କେ.ସପ୍‌ଡଙ୍ଗା ଏବଂ ଆସାମର ସୀମା ସୁରକ୍ଷା ଓ ବିକାଶ ମନ୍ତ୍ରୀ ଅତୁଲ ବୋରା ନିଜ ନିଜ ରାଜ୍ୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବେ। ଆଲୋଚନା ବୈଠକ ପରେ ଦୁଇ ରାଜ୍ୟର ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଗଣମାଧ୍ୟମକୁ ମିଳିତ ସୂଚନା ପ୍ରଦାନ କରାଯିବ। ଜୋରାମ ପିପୁଲ୍‌ସ ମୁଭ୍‌ମେଣ୍ଟର ମୁଖ୍ୟ ଲାଲଦୁହୋମା ଗତ ଡିସେମ୍ବର ମାସରେ ମିଜୋରାମର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ଦୁଇ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହେବ।

## ଆର୍‌ଏସ୍- ଇଣ୍ଡିଆନ୍ ପ୍ରିଜନର୍

ବିଦେଶ ଜେଲରେ ଥିବା ଭାରତୀୟଙ୍କ ସମେତ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା, ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି ବୋଲି ସରକାର କହିଛନ୍ତି। ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୃତି ବର୍ଦ୍ଧନ ସିଂହ ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି, ବିଚାରାଧୀନ କଏଦୀଙ୍କ ସମେତ ୯ ହଜାର ୭୨୮ ଭାରତୀୟ କଏଦୀ ଏବେ ବିଦେଶୀ ଜେଲରେ ଅଛନ୍ତି। ସର୍ବାଧିକ ୨ ହଜାର ୫୯୪ ଜଣ ସାଉଦି ଆରବର ଜେଲରେ ଥିବା ବେଳେ ୨ ହଜାର ୩୦୮ ଜଣ ସଂଯୁକ୍ତ ଆରବ ଏମିରେଟ୍ସର ଜେଲରେ ଅଛନ୍ତି। ନେପାଳର ଜେଲରେ ୧ ହଜାର ୨୮୨ ଜଣ ଭାରତୀୟ ଅଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ତଥ୍ୟ ଅନୁଯାୟୀ,

ବିଦେଶରେ ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୧୨୫ ଜଣ ଭାରତୀୟ ନାଗରିକଙ୍କୁ ମୃତ୍ୟୁଦଣ୍ଡାଦେଶ କିମ୍ବା ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ସେମାନଙ୍କ ମଧ୍ୟରେ କାନାଡାରେ ୨୩ ଜଣ, ଚୀନରେ ୧୭ ଜଣ, କାତାରରେ ୧୪ ଜଣ ଏବଂ ସାଉଦି ଆରବରେ ୧୩ ଜଣ ଅନ୍ତର୍ଭୁକ୍ତ ।

## ଇଏମ୍-ୟୁକେ ସେକ୍ରେଟାରୀ

ବାଂଲାଦେଶ ପରିସ୍ଥିତି ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଇଂଲଣ୍ଡର ବୈଦେଶିକ ମନ୍ତ୍ରୀ ଡେଭିଡ୍ ଲାମିଙ୍କ ସହ ଆଜି ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଟେଲିଫୋନ୍ ମାଧ୍ୟମରେ ହୋଇଥିବା ଏହି ଆଲୋଚନାରେ ବାଂଲାଦେଶ ଏବଂ ପଶ୍ଚିମ ଏସିଆ ପରିସ୍ଥିତି ଉପରେ ମତବିନିମୟ ହୋଇଛି ।

## ଏମ୍ଇଏ-ବାଂଲାଦେଶ ବ୍ରିଫିଙ୍ଗ

ବାଂଲାଦେଶର ରାଜଧାନୀ ଢାକାରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ଏବଂ ତାଙ୍କ କାର୍ଯ୍ୟାଳୟର ସହଯୋଗୀ ସେଠାକାର ଭାରତୀୟ ନାଗରିକଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି । ଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିବା ଭାରତୀୟ ନାଗରିକଙ୍କୁ ସମସ୍ତ ପ୍ରକାର

ସହଯୋଗ ପ୍ରଦାନ କରାଯାଉଛି ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି। ନୂଆଦିଲ୍ଲୀଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଏବେ ମଧ୍ୟ ବାଂଲାଦେଶରେ ୯ ହଜାର ଛାତ୍ରଛାତ୍ରୀଙ୍କୁ ମିଶାଇ ୧୯ ହଜାର ଭାରତୀୟ ଅଛନ୍ତି। ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ମାଧ୍ୟମରେ ସେମାନଙ୍କ ସହ ଯୋଗାଯୋଗ ରକ୍ଷା କରାଯାଇ ସୁରକ୍ଷିତ ପ୍ରତ୍ୟାବର୍ତ୍ତନର ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ବାଂଲାଦେଶରେ ଖୁବ୍‌ଶୀଘ୍ର ସ୍ୱାଭାବିକ ଅବସ୍ଥା ଫେରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

କେନ୍ଦ୍ର ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସେଠାରେ ବସବାସ କରୁଥିବା ସଂଖ୍ୟାଲଘୁଙ୍କର ପରିସ୍ଥିତି ଉପରେ ମଧ୍ୟ ନଜର ରଖାଯାଇଛି ବୋଲି ଶ୍ରୀ ଜୟଶ୍ୱାଲ ସ୍ପଷ୍ଟ କରିଛନ୍ତି। ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

# ପ୍ୟାରିସ ଅଲିମ୍ପିକ୍ସ

ଏଥର କିଛି ଖବର ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କରେ।

ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ କୁସ୍ତିଯୋଦ୍ଧା ଅମନ ସେହେରାୱତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୫୭ କିଲୋବର୍ଗରେ

ଆଲ୍‌ବାନିଆର ଜେଲିମଖାନ୍ ଆବାକାରୋବକୁ ୧୨-୦ ପଏଣ୍ଟରେ ପରାସ୍ତ କରିଛନ୍ତି।

ସେହିପରି ବ୍ରୋଞ୍ଜ ପଦକ ପାଇଁ ଭାରତୀୟ ପୁରୁଷ ହକି ଦଳ ସ୍ପେନ୍ ସହିତ ମ୍ୟାଚ୍ ଖେଳୁଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨-୧ ଗୋଲ୍‌ରେ ଆଗୁଆ ରହିଥିଲା।

ଅଲିମ୍ପିକ୍ସ ଚାମ୍ପିଅନ୍ ନୀରଜ ଚୋପ୍ରା ଜାଭେଲିନ୍ ଥ୍ରୋରେ ଆଜି ଭାରତୀୟ ସମୟ ରାତି ୧୧ଟା ୫୫ ମିନିଟ୍‌ରେ ଫାଇନାଲ ମ୍ୟାଚ୍ ଖେଳିବେ।

୧୦୦ ମିଟର ମହିଳା ବାଧାଦୌଡ଼ ପ୍ରତିଯୋଗିତାରେ ଜ୍ୟୋତି ୟାରାଜି କ୍ୱାର୍ଟର ଫାଇନାଲରେ ଚତୁର୍ଥ ସ୍ଥାନ ହାସଲ କରି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି।

## ଏଲ୍‌ଏସ୍-ବାୟୁଯାନ ବିଲ୍

ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ଆଜି ଲୋକସଭାରେ ଆଗତ ହୋଇଛି। ଏହି ବିଲ୍‌କୁ ଆଗତ କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜାରାପୁ ରାମମୋହନ ନାଇଡୁ କହିଛନ୍ତି, ୧୯୩୪ ମସିହାରେ ଏୟାର କ୍ରାଫ୍ଟ ଆକ୍ଟ ପ୍ରଣିତ ହୋଇଥିଲା। ଇତିମଧ୍ୟରେ ଏଥିରେ ବହୁବାର ସଂଶୋଧନ ହୋଇସାରିଛି। ବାରମ୍ବାର ସଂଶୋଧନ ଫଳରେ ଏହି

ଆଇନର କାର୍ଯ୍ୟକାରିତା ନେଇ ଅନେକ ସମୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଏ ସବୁକୁ ଦୃଷ୍ଟିରେ ରଖି ଭାରତୀୟ ବାୟୁଯାନ ବିଧେୟକ ଆଗତ କରାଯାଇଛି ବୋଲି ସେ କହିଛନ୍ତି ।